ସଞ୍ଜୟ ଇଣ୍ଡଷ୍ଟ୍ରିଆଲ୍ ଏବଂ ଇଞ୍ଜିନିୟରିଂ କମ୍ପାନୀ

ବନାମ

ବିହାର ରାଜ୍ୟ ଏବଂ ଅନ୍ୟମାନେ

ଡିସେମ୍ବର 6,1995

[କେ. ରାମସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ବି. ଏନ୍. କିରପାଲ, ନ୍ୟାୟମୂର୍ତ୍ତିମାନେ]

*ଭାରତର ସମ୍ବିଧାନ :*

*ଅନୁଚ୍ଛେଦ 136-- ଦେୱାନୀ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନଥିଭୁକ୍ତ କରାଯାଇଥିବା ଏକକାଳୀନ ତଥ୍ୟଗତ ନିର୍ଣ୍ଣୟ--ହସ୍ତକ୍ଷେପ କରାଯାଇନଥିଲା-- ଆବେଦନରେ ନୂତନ ଯୁକ୍ତି ଉଥାପନ ହୋଇଥିଲା--ଗ୍ରହଣ କରାଯାଇ ନାହିଁ।*

**ରାଜ୍ୟ ସରକାରଙ୍କ ବିରୋଧରେ ଆବେଦନକାରୀ-କମ୍ପାନୀ ଦ୍ୱାରା ଆଗତ ହୋଇଥିବା ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

ନିର୍ଣ୍ଣୟ ନେଇଛନ୍ତି ଯେ 1. ଦେୱାନୀ ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ 5.7.1979 ତାରିଖର ଚିଠିଟି 17.7.1979 ତାରିଖର ଚୁକ୍ତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ। ଏହା ତଥ୍ୟର ନିର୍ଣ୍ଣୟ ହୋଇଥିବାରୁ, ଆବଶ୍ୟକ ହସ୍ତକ୍ଷେପରେ କୌଣସି ଆଇନଗତ ତ୍ରୁଟି ନାହିଁ।

**2. ଯୁକ୍ତି କରାଯାଇଛି ଯେ ଦାବି କରାଯାଇଥିବା ରାଶି ପ୍ରଦାନ କରିବାକୁ ମନା କରି ମଧ୍ୟସ୍ଥି ଆଇନଗତ ଅସଦାଚରଣ କରିଥିବା ଆବେଦନକୁ ଗ୍ରହଣ କରାଯାଇପାରିବ ନାହିଁ କାରଣ ଏହା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉଠାଯାଇ ନଥିଲା।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 11912/1995

7.1.93 ତାରିଖରେ,ପାଟନା ଉଚ୍ଚ ନ୍ୟାୟାଳୟଙ୍କ ମୂଳ ଆଦେଶ ସଂଖ୍ୟା 195/1990 ରୁ ଆସିଥିବା ଆବେଦନରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି।

ଏ. କେ. ଶ୍ରୀବାସ୍ତବ ଏବଂ ଆର. କେ. ଶର୍ମା ଆବେଦନକାରୀଙ୍କ ପାଇଁ।

ବି. ବି. ସିଂହ ଉତ୍ତରଦାତାମାନଙ୍କ ପାଇଁ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା।

ଉଭୟ ପକ୍ଷର ଅଧିବକ୍ତାଙ୍କୁ ଶୁଣିଲୁ। ଯେହେତୁ ଦେୱାନୀ ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନକୁ ଅନୁଧ୍ୟାନ କରିଛନ୍ତି ଯେ ଜୁଲାଇ 5, 1979 ମସିହାର ଚିଠିଟି ଜୁଲାଇ 17, 1979 ମସିହାର ରାଜିନାମାର ଅଂଶବିଶେଷ କି ନୁହେଁ ଏବଂ ଏହା ଦର୍ଶାଇଛି ଯେ ଏହି ଚିଠିଟି ରାଜିନାମାର ଏକ ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ, ତେଣୁ ଏହି ରାଜିନାମାରେ ହ୍ୟୁମ୍ ପାଇପ ପିଛା 432/- ଟଙ୍କା ହାରରେ ଆବେଦନକାରୀଙ୍କୁ ଦେବାପାଇଁ କୌଣସି ବାଧ୍ୟବାଧକତା ନାହିଁ। ଏହା ତଥ୍ୟର ଏକ ନିର୍ଣ୍ଣୟ ହୋଇଥିବାରୁ, ଆମେ ହସ୍ତକ୍ଷେପ ଆବଶ୍ୟକ କରୁଥିବା ଆଇନର କୌଣସି ତ୍ରୁଟି ପାଇ ନାହୁଁ।

ଏହା ପରେ ଯୁକ୍ତି କରାଯାଇଛି ଯେ ଦାବି କରାଯାଇଥିବା ପରିମାଣ ପ୍ରଦାନ କରିବାକୁ ମନା କରି ମଧ୍ୟସ୍ଥି ଆଇନଗତ ଅସଦାଚରଣ କରିଥିଲେ । ଏହି ଯୁକ୍ତିରେ ଆମେ କୌଣସି ସାର ପାଇନାହୁଁ । ଅଧିକନ୍ତୁ, ଏହି ବିବାଦକୁ ଉଚ୍ଚ ନ୍ୟାୟାଳୟରେ ଯୁକ୍ତି କରାଯାଇ ନଥିଲା । ତେଣୁ, ଏଠାରେ ଆମେ ଓକିଲଙ୍କୁ ଏହି ବିବାଦକୁ ସମ୍ବୋଧନ କରିବାକୁ ଅନୁମତି ଦେଇପାରିବୁ ନାହିଁ ।

ଆବେଦନକୁ ଖାରଜ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।